ISSN -2583-147X (P), **Vol.- 10, Issue No.II, May 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ତତ୍କାଳୀନ ପତ୍ରପତ୍ରିକା ଓ ସରକାରୀ କାଗଜପତ୍ରରୁ ମହିମାସ୍ୱାମୀଙ୍କ ପରିଚୟ

**ଡ. ରାଜା କୁମାର ନାୟକ**

ମହିମାଧର୍ମ ଅଲେଖ ତତ୍ତ୍ୱ ଉପରେ ଆଧାରିତ । ଯାହାର ପ୍ରବର୍ତ୍ତକ ହେଉଛନ୍ତି ମହିମା ଗୋସାଇଁ । ଏହି ମହିମା ଗୋସାଇଁ ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଆବିର୍ଭାବ ହୋଇ ସମାଜରେ ସତ୍ୟ, ଶାନ୍ତି, ସମାନତା ଏବଂ ଅହିଂସାର ପ୍ରତିଷ୍ଠା ନିମନ୍ତେ ଯେଉଁ ବାଣୀ ପ୍ରଚାର କଲେ ତାହା ମହିମା ଧର୍ମ ନାମରେ ବିଶ୍ୱବିଖ୍ୟାତ । ସମାଜରେ ଅନୁନ୍ନତ ତଥା ଅବହେଳିତ ସମ୍ପ୍ରଦାୟକୁ ଗୁରୁତ୍ୱ ଦେଇ ଏହି ଧର୍ମ ଆଜି ବିଶ୍ୱର ପ୍ରତିଷ୍ଠିତ ଧର୍ମ ଭିତରେ ନିଜର ପ୍ରତିଷ୍ଠା ବଜାୟ ରଖିଛି । ବିଶ୍ୱ ଧର୍ମ ସାହିତ୍ୟକୁ କେବଳ ନୁହଁ ଓଡ଼ିଶାର ଏହା ଏକ ଅମୂଲ୍ୟ ଉପହାର ।

ମହିମା ଗୋସାଇଁଙ୍କ ଆବିର୍ଭାବ କାଳରେ ଓଡ଼ିଶା ସଂକଟଜନକ ପରିସ୍ଥିତିରେ ଗତି କରୁଥିଲା । ସାମାଜିକ, ସାଂସ୍କୃତି, ଧାର୍ମିକ ଓ ରାଜନୀତିକ କ୍ଷେତ୍ରରେ ଓଡ଼ିଆମାନେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ କାଳାତିପାତ କରୁଥିଲେ । ଏହି ସମୟଖଣ୍ଡରେ ଇଂରେଜ ପାଦ୍ରୀମାନଙ୍କ ଦ୍ୱାରା ଖ୍ରୀଷ୍ଟଧର୍ମର ବହୁଳ ପ୍ରଚାର ପ୍ରସାର ହେବାକୁ ଲାଗୁଥିଲା ବେଳେ ଜଣେ କୌପୁନୀଧାରୀ ସନ୍ୟାସୀ ଯେଉଁ ସରଳ ଓ ବ୍ୟୟଶୂନ୍ୟ ଉପାସନା ପଦ୍ଧତି ପ୍ରଚଳନ କଲେ ସେଥିପ୍ରତି ହଜାର ହଜାର ଲୋକ ଆକୃଷ୍ଟ ହେବାକୁ ଲାଗିଲେ । ଜାତିଭେଦ ଓ ଦେବାଦେବୀ ଉପସନାକୁ ବିରୋଧ ସହ ସର୍ବବ୍ୟାପୀ ଶୂନ୍ୟବ୍ରହ୍ମଙ୍କ ଉପାସନା ଲୋକମାନଙ୍କୁ ମୋହିତ କଲା । ଫଳରେ ସମଗ୍ର ଓଡ଼ିଶାରେ ଏହା ଏକ ଗଣଧର୍ମର ମାନ୍ୟତା ଲାଭ କଲା ।

ମହିମା ଧର୍ମର ସଂସ୍ଥାପକ ପ୍ରବୁଦ୍ଧ ନାରାୟଣ ମହିମା ସ୍ୱାମୀଙ୍କ ଜନ୍ମ ଓ ପରିବାର ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ମିଳେ ନାହିଁ । ବିଶ୍ୱନାଥ ବାବାଙ୍କ ମତରେ ମହିମା ପ୍ରଭୁ ହିମାଳୟ ଗିରି ପରିତ୍ୟାଗ କରି ଗଙ୍ଗାନଦୀ ପୁଳିନରେ ଭ୍ରମଣକରି ଦିଲ୍ଲୀ ୧୨୩୩ ବା ୧୮୨୬ ଖ୍ରୀଷ୍ଟାବ୍ଦରେ ପୁରୀ ବଡ଼ଦାଣ୍ଡରେ ସେ ଧୂଳିଆବାବା ଭାବରେ ଦେଖାଦେଲେ ।[୧] ବିଶ୍ୱନାଥ ବାବା ତଥା ମହିମା ଧର୍ମର ଅନ୍ୟ ସାଧୁମାନେ ତାଙ୍କୁ ଅଯୋନିସମ୍ଭୁତ ଓ ସ୍ୱୟଂ ବ୍ରହ୍ମମୂର୍ତ୍ତି ବୋଲି ସଂସ୍ଥାପନ କରିଛନ୍ତି ।[୨] ଊନବିଂଶ ଶତାବ୍ଦୀର ଶେଷ ଭାଗରେ ମହିମାସ୍ୱାମୀଙ୍କ ସମାଧିର ଅବ୍ୟବହିତ ପରେ ତାଙ୍କ ନାମ ଓ ଜନ୍ମସ୍ଥାନକୁ ନେଇ ସମକାଳୀନ ପତ୍ରିକାରେ ଭିନ୍ନମତ ପ୍ରକାଶ ପାଇଥିଲା । କଲିକତାରୁ ପ୍ରକାଶିତ 'ତତ୍ତ୍ୱବୋଧିନୀ'ରେ ମହିମାସ୍ୱାମୀଙ୍କ ପ୍ରଥମ ନାମ ମୁକୁନ୍ଦ ଦାସ ବୋଲି ପ୍ରକାଶିତ ହୋଇଥିଲା । ଏହାର ପ୍ରକାଶ ପରେ 'ସେବକ' ପତ୍ରିକାର ଏହାର ପ୍ରତିବାଦ ପ୍ରକାଶ ପାଇଲା- "ମହିମା ଧର୍ମାବଲମ୍ବୀମାନଙ୍କ ସମ୍ବନ୍ଧରେ ତତ୍ତ୍ୱବୋଧିନୀ ପତ୍ରିକାରେ ଗୋଟିଏ ପ୍ରସ୍ତାବ ବାହାରିଛି । ମହିମା ଗୋସାଇଁଙ୍କ ନାମ ମୁକୁନ୍ଦ ଦାସ ବୋଲି ଏଥିରେ ଲିଖିତ ହୋଇଛି । ମାତ୍ର ଲେଖକ ତାହା କିପରି ଜାଣିଲେ ଏହା ଲେଖି ନାହାନ୍ତି । ଆମ୍ଭେମାନେ ତାହାଙ୍କ ନାମ ଜାଣିବା ନିମିତ୍ତ ଅନେକ ଚେଷ୍ଟା କରି କୃତକାର୍ଯ୍ୟ ହୋଇପାରିଲୁ ନାହିଁ ।"[୩] ଏଥିରୁ ଅନୁମିତ ହୁଏ ଯେ ମହିମାସ୍ୱାମୀ ଜୀବିତ ଅବସ୍ଥାରେ ସେ ନିଜକୁ ରହସ୍ୟ କରି ରଖିଥିଲେ ।

ମହିମା ଧର୍ମର ଇତିହାସ ଅନୁଯାୟୀ ୧୮୨୬ରେ ପୁରୀରେ ଦେଖା ଦେଇ ପରେ ପରେ ଭୁବନେଶ୍ୱରର ଖଣ୍ଡଗିରି, ଉଦୟଗିରି ଓ ଧଉଳିଗିରି ଆଦି ଗୁମ୍ଫାମାନଙ୍କରେ ୧୨ ବର୍ଷକାଳ ଆତ୍ମଯୋଗ ସମାଧିରେ ରହି ଢେଙ୍କାନାଳର କପିଳାସ ଅଭିମୁଖେ ଯାତ୍ରାକଲେ । କପିଳାସରେ ସେ କୁମ୍ଭୀବୃକ୍ଷ ବଲ୍କଳ ବାନାରେ ଭୂଷିତ ହେଲେ ଓ ଏକବିଂଶ ଦିନ ଅନନ୍ତଶଯ୍ୟାରେ ଆତ୍ମ ସମାଧିରେ ବସି ପରେ ବାରବର୍ଷ ଫଳମୂଳ ଏବଂ ଶେଷରେ ବାରବର୍ଷ କ୍ଷୀର ଆହାର କରି କାଳଯାପନ କଲେ । ଇତିମଧ୍ୟରେ ମହିମାଧର୍ମର ଆଦିସିଦ୍ଧ ଗୋବିନ୍ଦବାବା ଅବଧୂତାଶ୍ରମରେ ଦୀକ୍ଷିତ ହୋଇ ସାରିଥିଲେ । ଢେଙ୍କାନାଳର ରାଜା ଭାଗୀରଥି ଭ୍ରମରବର ବାହାଦୂର ସ୍ୱାମୀଙ୍କ

ମହିମାରେ ମୁଗ୍ଧ ହୋଇ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଦୈନିକ ମହିମା ସ୍ୱାମୀଙ୍କର ଦୁଗ୍ଧପାନ ନିମନ୍ତେ ବ୍ୟବସ୍ଥା କରାଇଲେ । ଗୋବିନ୍ଦବାବା ମହିମାସ୍ୱାମୀଙ୍କ ଆଦେଶରେ ପଶ୍ଚିମ ଦିଗରେ ଧର୍ମ ପ୍ରଚାର ଲାଗି ଯାତ୍ରାକଲେ ।[୪]

ଅନ୍ଧକୁ ଚକ୍ଷୁଦାନ, ମୃତ ବ୍ୟକ୍ତିକୁ ଜୀବନଦାନ, ଶୂନ୍ୟରେ ଗମନ, ନୈଶ୍ୟ ଆକାଶରେ ଏକାଧିକ ସୂର୍ଯ୍ୟ ସୃଷ୍ଟି, ବନ୍ୟାଜଳ ଅପସାରଣ, ନୂତନ ଜଳଧାର ଜାତ, ଆଦେଶରେ ହସ୍ତୀମାନଙ୍କର ପଳାୟନ, ଅଗ୍ନିରେ ଉପବେଶନ, ଭୂମିରୁ ଦ୍ୱାଦଶ ଆଙ୍ଗୁଳି ତ୍ୟାଗକରି ବିରାଜମାନ, ମୃତ ଗୋରୁକୁ ଜୀବନଦାନ, ରୂପ ପରିବର୍ତ୍ତନ, ବନ୍ଧ୍ୟାଗାଭୀଠାରୁ ଦୁଗ୍ଧ ଦୋହନ, ବ୍ୟାଘ୍ର ମୁଖରୁ ଗୋପାଳ ପୁତ୍ରକୁ ରକ୍ଷା, ମୃତ ଶ୍ୱାନକୁ ଜୀବନଦାନ, ନଦୀ ଜଳରେ ଗମନ, ଆଜନ୍ମ ରୋଗୀର ରୋଗମୋଚନ ଇତ୍ୟାଦି ଅଲୌକିକ କ୍ରିୟା ସମ୍ପାଦନ କରି ସେ ଲୋକମାନସରେ ଉଜ୍ଜୀବିତ ହୋଇ ରହିଥିଲେ । ଅନେକ ସ୍ଥାନରେ ମହିମା ସମ୍ପ୍ରଦାୟର ଧୂନି ମନ୍ଦିର ସ୍ଥାପନ ପୂର୍ବକ ମହିମା ଧର୍ମର ପ୍ରଚାର ପ୍ରସାର ହେବାକୁ ଲାଗିଲା । ଢେଙ୍କାନାଳ, କଟକ, ପୁରୀ, ଯାଜପୁର, କେନ୍ଦୁଝର ଆଦିରେ ମହିମା ଧର୍ମ ପରିବ୍ୟାପ୍ତ ହୋଇଥିଲା । ତତ୍କାଳୀନ ଖବରକାଗଜ ଓ ସରକାରୀ ନଥିପତ୍ର ମହିମା ସ୍ୱାମୀଙ୍କ ପ୍ରଚାରିତ ଧର୍ମମହିମା ଧର୍ମ ସମ୍ପର୍କରେ ସୂଚନା ମିଳେ ।

ତା ୧.୦୬.୧୮୬୭ ରିଖରେ 'ଉତ୍କଳ ଦୀପିକା'ରେ ମହିମା ଗୋସାଇଁ ଓ ମହିମା ଧର୍ମକୁ ନେଇ 'ନୂତନ ଧର୍ମ ପ୍ରଚାର' ନାମରେ ଏକ ସମ୍ବାଦ ବାହାରି ଥିଲା । ଏଥିରେ ଉଲ୍ଲେଖ ଥିଲା ଯେ- "କଟକ ନିକଟସ୍ଥ କେତେକ ଗଡ଼ଜାତମାନଙ୍କରେ ଏକ ନୂତନ ଧର୍ମ ପ୍ରଚାର ହେବାର ଉପକ୍ରମ ହୋଇଅଛି । ଏ ଧର୍ମର ନାମ ମହିମା । ଢେଙ୍କାନାଳର ଅନ୍ତଃପାତୀ କପିଳାସ ପର୍ବତରେ ଏକ ଫଳହାରୀ ସନ୍ୟାସୀ ଥିଲେ । ସେ କିଛିଦିନ ଫଳାହାର କଲେ ତହୁଁ ଉତ୍ତାରୁ ଦୁଗ୍ଧପାନ କଲେ ଓ ଶେଷରେ କେବଳ ଜଳପାନ ଦ୍ୱାରା ଜୀବନଧାରଣ କରି ଶିବ ପୂଜା କଲେ । xxx ବର୍ତ୍ତମାନ ସେ ବକ୍‌କଳ ପରିଧାନ କରି ନୂତନ ଏକ ଧର୍ମ ପ୍ରଚାର କରିବାରେ ପ୍ରବୃତ୍ତ ହୋଇଅଛନ୍ତି । ଏ ଧର୍ମରେ ଜାତି ବିଚାର ନାହିଁ, ଶ୍ରାଦ୍ଧକ୍ରିୟାଏବଂ ପିତୁଳା ପୂଜା ନିଷେଧ, କେବଳ ଏକମାତ୍ର ଈଶ୍ୱର ଏ ଧର୍ମାବଲମ୍ବୀମାନଙ୍କର ସେବ୍ୟ ଅଟନ୍ତି । xxx ସେ ଏବଂ ତାଙ୍କ ଶିଷ୍ୟମାନେ ଗୃହ ମଧ୍ୟରେ କିମ୍ବା କଂସା ପିତ୍ତଳାଦି କୌଣସି ପାତ୍ରରେ ଭୋଜନ କରନ୍ତି ନାହିଁ । ଦାଣ୍ଡ ମଧ୍ୟରେ ଭଙ୍ଗାଖପରାରେ ଯେ କୌଣସି ଜାତି ଯାହାକିଛି ଖାଇବାକୁ ଦେଲେ ଆହାର କରନ୍ତି । xxx ପ୍ରାୟ ୨୦ କି ୩୦ ସହସ୍ର ଲୋକ ଏ ଧର୍ମ ଅବଲମ୍ବନ କରିଥିବା ଶୁଣାଯାଏ ।"[୫]

ସେହିପରି 'ଉତ୍କଳ ଦୀପିକା'ର ୮ମ ଭାଗର ୩୬ ସଂଖ୍ୟାରେ 'ମହିମା ବାବାଜୀ' ନାମରେ ଅନ୍ୟ ଏକ ସମ୍ବାଦ ବାହାରିଥିଲା । ସମ୍ବାଦଟି ଏହିପରି ଥିଲା- "ଆମ୍ଭମାନଙ୍କର ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି ଯେ- ଢେଙ୍କାନାଳ, ସୁକିନ୍ଦା, କେଉଁଝର ପ୍ରଭୃତି ଗଡ଼ଜାତରେ କୁମ୍ଭିପଟ ନାମଧେୟରେ ପ୍ରାୟ ଚାରି ପାଞ୍ଚ ଶତଲୋକ ଏକ ସମ୍ପ୍ରଦାୟ ବାନ୍ଧି ଅଛନ୍ତି । ଏହାଙ୍କର ଅପର ନାମ ମହିମା ବାବଜୀ । ଏହି ସମ୍ପ୍ରଦାୟରୁ ଦୁଇ ଚାରିଜଣ ମଧୁପୁରରେ ପ୍ରବେଶ ହୋଇ ଲୋକଙ୍କ ଜାତି ଧ୍ୱଂସର ଚେଷ୍ଟା କରିବାରୁ ରାଜା ତାହାଙ୍କୁ ହିନ୍ଦୁଧର୍ମର ବିରୋଧୀ ଜ୍ଞାନକରି ଆପଣ ରାଜ୍ୟରୁ ବାହାର କରିଦେଲେ । ସେହି ବୈରାଗୀଙ୍କ ମଧ୍ୟରୁ ଦୁଇଜଣ ଆଜକୁ ଦୁଇମାସ ହେବ ଯାଜପୁରକୁ ଆସି ବ୍ରାହ୍ମଣ, କରଣ, ରାଢ଼ୀ ପ୍ରଭୃତି ନାନା ଜାତି ମଧ୍ୟରୁ କେତେଗୁଡ଼ିଏ ଶିଷ୍ୟ କରି ତାହାଙ୍କ ସଙ୍ଗେ ନେଇ ବୁଲୁଛନ୍ତି । ରାଜା ଓ ବ୍ରାହ୍ମଣ, ଭଣ୍ଡାରୀ, ଦୋବା, ମାଳୀ ଓ ଦାରୀ ଏହି ପାଞ୍ଚ ଜାତିକୁ ଛାଡ଼ି ଆଉ ସମସ୍ତଙ୍କ ଘରେ ଭୋଜନ କରନ୍ତି । ଖ୍ରୀଷ୍ଟୀୟାନ ମାନଙ୍କୁ ସୁଦ୍ଧା ବାରଣ ନାହିଁ । ଏ ସମସ୍ତଙ୍କ ଘରୁ ଭାତ ମାଗି ନେଇ ହାଣ୍ଡିରେ ରଖି ଦାଣ୍ଡରେ ଗୁରୁଶିଷ୍ୟ ସମସ୍ତେ ଏକତ୍ର ଭୋଜନ କରନ୍ତି । xxx ଲୋକେ ଏହାଙ୍କଠାରେ ଦୁଃଖ ଜଣାଇ ଆଜ୍ଞା ଘେନି ଅତି ଭକ୍ତି ସହିତ ପ୍ରତିପାଳନ କରୁଅଛନ୍ତି । ପୁତ୍ର କାମନା ସଫଳ କରିବାର ଶୁଣାଯାଏ । ଯାହାହେଉ ଏହାଙ୍କ ଦ୍ୱାରା ଜାତି ବିନାଶର ପ୍ରବଳ ଉପାୟ ହେବାର ଦେଖି ଯାଜପୁର ବ୍ରାହ୍ମଣମାନେ ସଭାକରି ସ୍ଥିର କରିଅଛନ୍ତି ମହିମା ବାବଜୀଙ୍କ ଦ୍ୱାରା ଯାହାଙ୍କର ଜାତି ବିନାଶ ହୁଅଇ ସେମାନେ ପତି ହେବେ । xxx ଏପରି ବିଧି ହେବାରୁ ଶିଷ୍ୟଙ୍କ ସଂଖ୍ୟା ଊଣା ହେଉଅଛି ଓ ଯେଉଁମାନେ ଶିଷ୍ୟ ହୋଇ ଅଛନ୍ତି ତାହାଙ୍କ ମଧ୍ୟରେ ଅନେକ ଲୋକ ଘରକୁ ଫେରି ଆସି ପ୍ରାୟଶ୍ଚିତର ଉଦ୍ୟମରେ ଅଛନ୍ତି । xxx ଓଡ଼ିଶାରେ ସେମାନେ ଆପଣା ମତରେ ଏହି ପରିଚୟ ଦେଲେ ଯେ ସେମାନେ ବେଦ କିମ୍ବା କୌଣସି ଶାସ୍ତ୍ର ମାନନ୍ତି ନାହିଁ କିମ୍ବା କୌଣସି ଦେବତା ପୂଜା କରନ୍ତି ନାହିଁ । ତାହାଙ୍କର ଧର୍ମ ନିର୍ବେଦ ଓ ଅଲେଖ କେବଳ ମହିମାକୁ ମାନନ୍ତି ।[୬] ଏଥିରୁ ସୂଚନା ମିଳେ ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ମହିମା ଧର୍ମ ବହୁ ଉତ୍‌ଥାନ ପତନ ଦେଇ ଗତି କରିଛି । ମହିମା ବାବାଜୀଙ୍କ ସହ ମିଶିଲେ ନିଜର

ଜାତି ଚାଲିଯିବାର ଯେଉଁ ଭୟ ସେ ସମୟରେ ଦେଖା ଦେଇଥିଲା ତା'ର କାରଣ ଯୋଗୁଁ ପଶ୍ଚିମାଞ୍ଚଳ ଅପେକ୍ଷା ପୂର୍ବାଞ୍ଚଳରେ ମହିମା ଧର୍ମାବଲମ୍ବୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାକୁ ଲାଗିଲା ।

'ଉତ୍କଳ ଦୀପିକା'ରୁ ପ୍ରକାଶିତ ଅନ୍ୟ ଏକ ଖବରରୁ ଜଣାପଡ଼େ ଯେ- "ସେମାନଙ୍କ ମଧ୍ୟରୁ କେତେକ ଲୋକ ଏ ଜିଲ୍ଲାକୁ କେବେ କେବେ ଆସି ମଫସଲରେ ବୁଲନ୍ତି । xxx ସନ ୧୮୭୪ ସାଲରେ ବାଙ୍କୀ ଜିଲ୍ଲାର ମାଲକେଦାରପୁରକୁ ଆସି ୬୪ ଜଣ ଶିଷ୍ୟକରି ଅଲେଖ ଧର୍ମ ପ୍ରକାଶ କଲେ । xxx ଯଦ୍ୟପି ଏ ଧର୍ମ ଏ ଜିଲ୍ଲା (ଢେଙ୍କନାଳ)ରେ ପ୍ରଥମେ ପ୍ରକାଶ ହେଲା ମାତ୍ର ସତ୍ତ୍ୱର ସମ୍ବଲପୁର ଜିଲ୍ଲାରେ ବିଶେଷ ପ୍ରଚାର ହେଲା ଓ ସେଠାରେ ବ୍ରାହ୍ମଣ ବ୍ୟତୀତ ଅନ୍ୟ ସକଳ ଜାତୀୟ ଏ ଧର୍ମଗ୍ରହଣ କଲେ । ବର୍ତ୍ତମାନ ସେ ଜିଲ୍ଲାର ୩୦ ଗୋଟି ଗ୍ରାମରେ ଏ ଧର୍ମ ପ୍ରବଳ ଅଛି ।[୭]

ସେହିପରି ବଙ୍ଗଳାର ଖବରକାଗଜ 'ସୁଲଭ ସମାଚାର'ରେ ଏକଦା ପ୍ରକାଶ କରିଥିଲା ଯେ- "ଅଲେଖ ସ୍ୱାମୀ ନାମରେ ଜଣେ ବ୍ୟକ୍ତି ଆପଣାକୁ ଈଶ୍ୱରଙ୍କ ଅବତାର ବୋଲି ପରିଚୟ ଦେଇ ଖ୍ରୀ. ୧୮୬୪ରେ ଏହି ଧର୍ମସଂସ୍ଥାପନ କରିଛନ୍ତି ।"[୮] ଖ୍ରୀ. ୧୮୮୩ରେ ଡିସେମ୍ବର ସଂଖ୍ୟାରେ ବଙ୍ଗଳା ପତ୍ରିକା 'ତତ୍ତ୍ୱବୋଧିନୀ' ପତ୍ରିକାରେ ମହିମାସ୍ୱାମୀଙ୍କ ପ୍ରକୃତ ନାମ 'ମୁକୁନ୍ଦ ଦାସ' ଥିଲା ବୋଲି ଜଣାଯାଏ । କିନ୍ତୁ କଟକରୁ ପ୍ରକାଶିତ 'ସେବକ' ପତ୍ରିକାର ସମ୍ପାଦକ ଜାନୁୟାରୀ ୧୮୮୪ ସଂଖ୍ୟାରେ ଏହାକୁ ଅସ୍ୱୀକାର କରି ଉଲ୍ଲେଖ କରିଥିଲେ ଯେ- "ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କର ନାମ ଜାଣି ହେଲା ନାହିଁ । ପ୍ରଚଳିତ ଧାରଣା ଯେ ସେ ହିନ୍ଦୁସ୍ଥାନୀ ଏବଂ ଛତିଶଗଡ଼ରୁ ଆସିଥିଲେ ।"[୯] ଏଥିରୁ ଜଣାଯାଏ ଯେ ମହିମାସ୍ୱାମୀ ତାଙ୍କ ପରିଚୟ ଗୁପ୍ତ ରଖିଥିଲେ ।

ଯେତେବେଳେ ୧୮୮୧ ମସିହା ମାର୍ଚ୍ଚ ମାସରେ ତେରଜଣ ପୁରୁଷ ଓ ତିନିଜଣ ସ୍ତ୍ରୀ କୁମ୍ଭୀପାଟୁଆ ଦଳ ଧରି ଶ୍ରୀମନ୍ଦିର ଉପରେ ଆକ୍ରମଣ ଓ ତିନି ମୂର୍ତ୍ତିଙ୍କୁ ପୋଡ଼ି ଦେବାର ଯୋଜନା କରିଥିଲେ । ଏହି ସଂଘର୍ଷରେ ଦଶାରାମ ନାମକ ଜଣେ କୁମ୍ଭୀପାଟୁଆଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନ୍ୟମାନେ ଗିରଫ ହୋଇଥିଲେ । ଏହାପରେ କଟକ କମିଶନର ସ୍ମିଥ୍ ସାହେବ ବାଙ୍କୀ, ଅନୁଗୋଳ ଓ ଢେଙ୍କାନାଳର ତହସିଲଦାରଙ୍କୁ ଏଇ କୁମ୍ଭୀପାଟୁଆ ମାନଙ୍କ ସମ୍ପର୍କରେ ରିପୋର୍ଟ ମାଗିବାରୁ ବାଙ୍କୀ ତହସିଲଦାର ବଳରାମ ବୋଷ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ- "କପିଳାସରେ ଜଣେ ସାଧୁ ଥିଲେ । ତାଙ୍କର ନାମ ମୁକୁନ୍ଦ ଦାସ । ଦାରୁଠେଙ୍ଗାରେ ମୁକୁନ୍ଦ ଦାସ ନିଜକୁ ମହିମା ଗୋସାଇଁ ବୋଲି ଖ୍ୟାତ କଲେ ଓ ଗୋବିନ୍ଦ ଦାସଙ୍କୁ ଶିଷ୍ୟ ରୂପେ ଗ୍ରହଣ କଲେ । ଅଲେଖାବଲମ୍ବୀମାନେ ବିଶ୍ୱାସ କରିଥିଲେ ଯେ ମହିମା ଗୋସାଇଁ ସ୍ୱୟଂ ଦେବାତ୍ମା ଓ ଅମର । କେତେକ ଅଲୌକିକ ଗୁଣ ଥିବା ଦେଖି ସେମାନେ ମହିମା ଗୋସାଇଁଙ୍କ ଦେବତା ବୋଲି ମାନି ତାଙ୍କ ଉପରେ ଦେବତ୍ୱ ଆରୋପ କରୁଥିଲେ ।"[୧୦] ଅନୁଗୋଳ ତହସିଲଦାର ବିଚ୍ଛନ୍ଦ ପଟ୍ଟନାୟକ ଉଲ୍ଲେଖ କରିଥିଲେ ଯେ- "ଏହି ଅଂଚଳରେ ମହିମା ଧର୍ମର ପ୍ରତିଷ୍ଠାତା ମହିମାଗୋସାଁଙ୍କୁ କୁହାଯାଏ । କଥିତ ଅଛି ଯେ ସେ ପ୍ରଥମେ ଖାସ୍ ମାହାଲରେ ବସବାସ କରୁଥିଲେ । ପରେ ସେ ପୁରୀରେ ବହୁକାଳ ପର୍ଯ୍ୟନ୍ତ ଧୂଳିଆବାବା ନାମରେ ନାମିତ ହୋଇ ବସବାସ କଲେ । ହିନ୍ଦୁ ଧର୍ମର ଗୋଟିଏ ସାଧୁ ସମ୍ପ୍ରଦାୟ, ଯେଉଁମାନେ ଦେହକୁ ଭସ୍ମାଚ୍ଛିଦ କରନ୍ତି, ସେମାନଙ୍କୁ ମଧ୍ୟ ଧୂଳିଆବାବା ନାମରେ ନାମିତ କରାଯାଇଥାଏ । ମହିମା ସ୍ୱାମୀ ତାଙ୍କ ଜୀବନର ଦ୍ୱିତୀୟ ପର୍ଯ୍ୟାୟରେ କପିଳାସରେ ବସବାସ କରିଥିବାର କୁହାଯାଏ । କପିଳାସ ଢେଙ୍କାନାଳର ଏକ ପବିତ୍ର ତୀର୍ଥକ୍ଷେତ୍ର ଅଟେ । ସେଇଠି ସେ ଫଳାହାରୀ ବାବଜୀ ନାମରେ ନାମିତ ହୋଇଥିଲେ । ସେ ବାର ବର୍ଷ କାଳ ଫଳାହାରୀ ଭାବରେ ଜୀବନ ଅତିବାହିତ କରିଥିଲେ । ଏହାପରେ ତାଙ୍କୁ କ୍ଷୀରନୀରପାୟୀ ନାମରେ ନାମିତ କରାଗଲା । ଆହୁରି ସେ ୧୨ ବର୍ଷ କ୍ଷୀରନୀରାହାରୀ ଭାବରେ ଅତିବାହିତ କରିଥିଲେ । ମହିମାସ୍ୱାମୀ ତାଙ୍କ ଜୀବନର ତୃତୀୟ ପର୍ଯ୍ୟାୟରେ ଅର୍ଥାତ ସେ ଯେତେବେଳେ କ୍ଷୀରନୀରାହାରୀ ଭାବରେ ଜୀବନ ଅତିବାହିତ କରୁଥିଲେ, ସେତେବେଳେ ସେ ଢେଙ୍କାନାଳର ସ୍ୱର୍ଗତଃ ରାଜାଙ୍କ ସଙ୍ଗେ ସାକ୍ଷାତ କରୁଥିଲେ । କଥିତ ଅଛି, ସ୍ୱର୍ଗୀୟ ଢେଙ୍କାନାଳ ରାଜାଙ୍କ ମାତା ମହିମାସ୍ୱାମୀଙ୍କୁ ଭକ୍ତି ପ୍ରଦର୍ଶନ ସ୍ୱରୂପ କ୍ଷୀର ଯୋଗାଇ ଦେଇଥିଲେ । ମହିମା ସ୍ୱାମୀ ତାଙ୍କ ଜୀବନର ତୃତୀୟ ପର୍ଯ୍ୟାୟରେଏହି ନୂତନ ଅଲେଖ ଧର୍ମ ଧାରଣା ସମ୍ପର୍କରେ ପ୍ରଚାର ଆରମ୍ଭ କରିଥିଲେ । ଅଲେଖ ବା ମହିମା ଶବ୍ଦର ଅର୍ଥ ହେଲା- ଯିଏ ଅଦୃଶ୍ୟ, ଆଣାକାର ଏବଂ ସଚରାଚର ବିଶ୍ୱବ୍ରହ୍ମାଣ୍ଡର ଏକମାତ୍ର ପ୍ରଭୁ ।

ସେ ପ୍ରଥମେ ଖୋର୍ଦ୍ଧାର ଦାରୁଠେଙ୍ଗାରେ ଏକ ଟୁଙ୍ଗୀ ବା ଉପାସନାସ୍ଥଳୀ ନିର୍ମାଣ କଲେ । ଏହି ଟୁଙ୍ଗୀ ପରେ ଭଙ୍ଗା ଯାଇ ବାଙ୍କୀର ମାଳବିହାରପୁରକୁ ସ୍ଥାନନ୍ତରିତ କରାଗଲା । ବର୍ତ୍ତମାନ (୧୮୮୧) ବାଙ୍କୀ ମାଳବିହାରପୁର ଟୁଙ୍ଗୀ ଧର୍ମାବଲମ୍ବୀମାନଙ୍କର ପବିତ୍ର ସ୍ଥାନ ରୂପେ ବିବେଚିତ ହୋଇଛି । ୧୮୮୬ ମସିହାରେ ଏହି ମାଳବିହାରପୁରରେ ଅଲେଖ ବା ମହିମା ଶବ୍ଦ ସ୍ୱତନ୍ତ୍ର ଭାବରେ ବ୍ୟବହୃତ ହୋଇଥିଲା । ମହିମାସ୍ୱାମୀ ଏଠାରେ ପବିତ୍ର ଧୂନିସ୍ଥାପନ କରିଥିଲେ । ଏହାକୁ ଅନାହୁତ ଧୂନି ବା ଅନିର୍ବାପିତ ଅଗ୍ନି

କୁହାଯାଉଥିଲା । ଏହି ଅନାହୁତ ଧୂନିସ୍ଥଳ ହିଁ ମହିମା ଉପାସନାର ଏକମାତ୍ର ନିର୍ଦ୍ଧାରିତ ସ୍ଥାନ ରୂପେ ବିବେଚିତ ହୋଇଥିଲା ଇତ୍ୟାଦି । ଏଥିରୁ ଜଣାଯାଏ ମହିମା ଗୋସେଇଁ ଓଡିଶାର । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମହିମା ଧର୍ମର ଆଦି ଗ୍ରନ୍ଥମାନ ଓଡିଆ ଭାଷାରେ କଥାବାର୍ତ୍ତା କରି ଧର୍ମ ପ୍ରଚାର କରୁଥିବାରୁ ସେ ଓଡିଆ ବୋଲି ପ୍ରମାଣିତ ହେଉଛି ।"(୧୧) ଢେଙ୍କାନାଳ ରାଜ୍ୟର ମ୍ୟାନେଜର ବନମାଳୀ ସିଂ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ ଯେ- ତାଙ୍କ ନାମ ମହିମାସ୍ୱାମୀ । ସେ ଜଣେ ଉତ୍ତମ ବ୍ୟକ୍ତିତ୍ୱର ବ୍ୟକ୍ତି ।(୧୨)

୧୯୧୫ ମସିହାରେ ଢେଙ୍କାନାଳରେ ଯୋରନ୍ଦା ସନ୍ନିକଟ କେତେକ ଗ୍ରାମରେ ଚାଲିଥିବା ଜମି ବନ୍ଦୋବସ୍ତରେ ମହିମା ଧାମର କେତେକ ଜମି ରେକର୍ଡରେ ତାଙ୍କ ନାମ ମହିମା ଗୋସାଇଁ ବୋଲି ଉଲ୍ଲେଖ ଅଛି । ମୋହରିର ହାଡିବନ୍ଧୁ ମହାନ୍ତି ଢେଙ୍କାନାଳ ରାଜ ଦରବାରକୁ ଏକ ପତ୍ର ଲେଖିଥିଲେ- "ଅତିଣ୍ଡାବିସ ନାଟିମା ମୌଜାରେ ମହିମା ଗୋସାଇଁଙ୍କର ନାମରେ ମା୩/୧ ଜମି ଥିଲା । ହାଲଖାନାପୁରିରେ ମା୫୦/୦ ଗୁଣ୍ଠ ଜରିପ ହୋଇଛି ।" ସେହିପରି ଯୋରନ୍ଦା ମଠର ଜଣେ ବାବାଜୀ ଏକ ଦରଖାସ୍ତରେ ଉଲ୍ଲେଖ କରିଥିଲେ- "ଯୋରନ୍ଦା ମଉଜା ଓ ନାଟିମା ମଉଜାସ୍ଥ ପହି ଶ୍ରୀମହିମା ଗୋସାଇଁଙ୍କ ନାଖରାଜ ମନ୍ଦିର ଆଦି ମା ୫୨/୧୧ ଗୁଣ୍ଠ ଜମି ସ୍ୱର୍ଗୀୟ ରାଜାସାହେବ ସୁର ପ୍ରତାପ ରାଣୀ ସାହେବାଙ୍କ ବନ୍ଦୋବସ୍ତରେ ଶ୍ରୀମହିମାଗାଦି ମାରଫରଦାର ବାବଜୀ କୃପାସିନ୍ଧୁ ଦାସବାବଜୀଙ୍କ ନାମରେ ଜରିବ କରାଯାଇଥିଲା । ପରବର୍ତ୍ତୀ ସମୟରେ ମହିମା ଧର୍ମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଚାଲିଥିବା କନ୍ଦଳରେ ମହିମା ସ୍ୱାମୀଙ୍କ ନାମ ବାରମ୍ବାର ଉଲ୍ଲେଖ ଥିବାର ଜଣାଯାଏ ।"(୧୩)

ଉପରୋକ୍ତ ତଥ୍ୟ ଗୁଡ଼ିକରୁ ଏହି ସିଦ୍ଧାନ୍ତରେ ଉପନୀତ ଯେ- ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ନାମ ପର୍ଯ୍ୟାୟ କ୍ରମେ ମୁକୁନ୍ଦ ଦାସ, ଧୂଳିଆବାବା, ଫଳାହାରୀ, କ୍ଷୀରନୀରାହାରୀ, ବାୟୁ ଆହାରୀରୁ ମହିମା ଗୋସାଇଁ ହୋଇଛି । ବାବାଙ୍କର ଅଲୌକିକ ମହିମା ଯୋଗୁଁ ଲୋକ ପ୍ରଚଳିତରେ ତାଙ୍କ ନାମ ମହିମା ଗୋସାଇଁ ହୋଇ ଥାଇପାରେ ।

**ସହାୟକ ଗ୍ରନ୍ଥସୂଚୀ :**


୧. ବାବା ବିଶ୍ୱନାଥ : ସତ୍ୟ ମହିମାଧର୍ମର ଇତିହାସ, ଉତ୍କଳ ସତ୍ୟ ମହିମା ଧର୍ମାଲୋଚନା ସମିତି, ୪ର୍ଥ ସଂସ୍କରଣ- ୧୯୭୮, ପୃ-୨ ।

୨. ବାବା ବିଶ୍ୱନାଥ : ସତ୍ୟ ମହିମାଧର୍ମ ପ୍ରତିପାଦକ (୧ମ ଖଣ୍ଡ), ଉତ୍କଳ ବିଶ୍ୱବିଦ୍ୟାଳୟ, ଚତୁର୍ଥ ସଂସ୍କରଣ-୧୯୭୧, ପୃ-୩-୧୩ ।

୩. ପଣ୍ଡା ପ୍ରଦୀପ୍ତ କୁମାର : ଓଡ଼ିଶାର ଧର୍ମଧାରା, ବୁକ୍ସ ଏଣ୍ଡ ବୁକ୍ସ, ବିନୋଦ ବିହାରୀ, କଟକ-୭୫୩୦୦୨, ୧୯୯୦, ପୃ-୨୬୫ ।

୪. ବାବା ବିଶ୍ୱନାଥ : ପୂର୍ବ ସୂଚିତ ଗ୍ରନ୍ଥ, ପୃ-୬-୪୭ ।

୫. ଉତ୍କଳ ଦୀପିକା : ୨ୟ ଭାଗ- ତା ୧.୦୬.୧୮୬୭ ।

୬. ଉତ୍କଳ ଦୀପିକା : ୮ମ ଭାଗ ୩୬ ସଂଖ୍ୟା, ୦୬.୦୯.୧୮୭୩ ।

୭. ପୂର୍ବ ସୂଚିତ ପତ୍ରିକା : ୧୬ଶ ଭାଗ ୪୬ ସଂଖ୍ୟା, ୧୯.୧୧.୧୮୮୧ ।

୮. ଦାସଚିତ୍ତରଞ୍ଜନ: ଓଡ଼ିଶାର ମହିମା ଧର୍ମ । ଓଡ଼ିଆ ଗବେଷଣା ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ- ୧ମ ପ୍ରକାଶ-୧୯୫୨, ପୃ-୯୬ ।

୯. ମୁଖାର୍ଜୀ ପ୍ରଭାତ କୁମାର : ମହିମା ସ୍ୱାମୀ । (ପୌରୁଷ, ସେପ୍ଟେମ୍ବର, ୧୯୭୭) ।

୧୦. ବାଙ୍କୀ ତହସିଲଦାରଙ୍କ ଚିଠି ନଂ- ୫୧୩, ତା ୬.୮.୧୮୮ ।

୧୧. ନେପାକ ଭାଗିରଥି : ମହିମା ଗୋସାଇଁ, ମହିମା ପ୍ରକାଶନ, ଭୁବନେଶ୍ୱର-୧୫, ୩ୟ ସଂସ୍କରଣ, ପୃ-୩୩-୩୪ ।

୧୨. A. Eschmann : Mahima Dharma (The Cult of Jagannath and the Regional Tradition of Orissa-1978), Chapter-XX, P-385.

୧୩. ଦାସ ରାମଚନ୍ଦ୍ର : କାବ୍ୟ ଚତ୍ୱରରେ ଓଡ଼ିଶାର ଧର୍ମଧାରଣା- ବିଜୟିନୀ ପବ୍ଲିକେଶନ, ଶଙ୍କରପୁର, କଟକ-୧୨, ୧ମ ପ୍ରକାଶ-୨୦୧୨, ପୃ-୧୪୬ ।



**ସହକାରୀ ପ୍ରାଧ୍ୟାପକ**

**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ**